# ତହସିଲଦାର ଜୁନାଗଡଙ୍କ କାର୍ଯ୍ୟାଳୟ, ଜୁନାଗଡ

## ଇସ୍ତାହାର

Pr. No ____________

De-reservation Case No. 05/2025

ଏତଦ୍ୱାରା **ଡୁମେରବାହାଲ** ଗ୍ରାମର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ଜମିକୁ **ଜିଲ୍ଲା ଶିକ୍ଷା ଅଧିକାରୀ, କଳାହାଣ୍ଡି** ଙ୍କୁ ଲିଜ ସୂତ୍ରରେ ହସ୍ତାନ୍ତରିତ କରିବା ପାଇଁ ସ୍ଥିର କରାଯାଇ ଅଛି । ଏଥିରେ ଅବସ୍ଥାପିତ ଥିବା **ଧନୁର୍ଜୟ ଉଚ୍ଚ ବିଦ୍ୟାଳୟ, ଡୁମେରବାହାଲ** ର ଜମିକୁ **ବିଦ୍ୟାଳୟ ନାମରେ ନିୟମିତକରଣ** କରାଯିବାର ପ୍ରସ୍ତାବ ଅଛି । ଜମିର କିସମ **ଗୋଚର** ଓ ଖାତା **ରକ୍ଷିତ** ଥିବାରୁ, ଏହାକୁ କିସମ ପତିତ ଏବଂ ଖାତା ଆବାଦ ଯୋଗ୍ୟ ଅନାବାଦୀ କୁ ଆଣିବାର ପ୍ରସ୍ତାବ ଅଛି ।

ଏହି ପ୍ରସ୍ତାବରେ ଯଦି କୌଣସି ବ୍ୟକ୍ତି ବିଶେଷ ତଥା ଅନୁଷ୍ଠାନ ମାନଙ୍କର ଆପତ୍ତି ଅଭିଯୋଗ ଥାଏ ତେବେ ଏହି ଇସ୍ତାହାର ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ତହସିଲ କାର୍ଯ୍ୟାଳୟରେ ଟ. ୨୦.୦୦ ମୂଲ୍ୟର କୋର୍ଟ ଫି ସହ ଲିଖିତ ଆକାରରେ ଆପତ୍ତି ଦରଖାସ୍ତ ଦାଖଲ କରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି ଦରଖାସ୍ତ ବିଚାରକୁ ନିଆଯିବ ନାହିଁ ।

**ତଫସିଲ**

| ମୌଜା | ଖାତା ନଂ | ପ୍ଲଟନଂ | କିସମ | ରକବା |
|---|---|---|---|---|
| ଡୁମେରବାହାଲ | ୨୫୭ (ରକ୍ଷିତ) | ୧୨୨୦ | ଗୋଚର | **ଏ. ୦.୬୮ ଡି.** ( ଏ. ୧.୨୪ ଡି ରୁ) |

ତହସିଲଦାର ଜୁନାଗଡ
Tahasildar Junagarh

**ପରିପତ୍ର ସଂଖ୍ୟା :-** 4475 **ତାରିଖ :-** 13.11.2025

ଏହାର ଏକକିତା ନକଲ **ଡୁମେରବାହାଲ** ଗ୍ରାମର ପ୍ରକାଶ୍ୟ ସ୍ଥାନରେ ଡାକବାଜି ଯନ୍ତ୍ରଦ୍ୱାରା ଘୋଷଣା କରି ଗ୍ରାମର ପ୍ରକାଶ୍ୟସ୍ଥଳରେ ଲଗାଇବା ନିମନ୍ତେ ପ୍ରେରଣ କରାଗଲା/ ଏକକିତା ନକଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, **ମେରିଆବନ୍ଧାଲି**/ ଜୁନାଗଡ଼ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, ଜୁନାଗଡ଼ ପ୍ରେରଣ କରାଗଲା ଓ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ ( NIC), କଳାହାଣ୍ଡି ଙ୍କୁ ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ପାଇଁ ପ୍ରେରଣ କରାଗଲା ।

ତହସିଲଦାର ଜୁନାଗଡ
Tahasildar Junagarh